## ସାହିତ୍ୟ ଏକାଡେମୀର 'ଲେଖକଙ୍କ ସହିତ' କାର୍ଯ୍ୟକ୍ରମ

# ସମସ୍ତେ ଗୋଟେ ଗୋଟେ ଗପ



ଭୁବନେଶ୍ୱର,୧୨।୧୧(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର 'ଲେଖକଙ୍କ ସହିତ' କାର୍ଯ୍ୟକ୍ରମ ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ ଗୌରହରି ଦାସ ସ୍ୱକୀୟ ଜୀବନ ଓ ସୃଜନ ସମ୍ପର୍କରେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ସେ କହିଥିଲେ, ସାହିତ୍ୟ ମୋ ପାଇଁ ମନୋରଞ୍ଜନର ମାଧ୍ୟମ କିମ୍ବା କଳ୍ପନା ବିଳାସ ନୁହେଁ। ଏହା ସାମାଜିକ ବ୍ୟବସ୍ଥା ଭାବରେ ମୋର ହସ୍ତକ୍ଷେପ। ଆମେ ସମସ୍ତେ ଗୋଟେ ଗୋଟେ ଗପ। ଆମ ସମସ୍ତଙ୍କର ମନ ହଜାରେ ସ୍ୱପ୍ନର ସମାଧି। ପୁଣି ହଜାରେ ସବୁଜିମାର ସମ୍ଭାବନା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏକାଡେମୀର ସଚିବ ଡ. କେ ଶ୍ରୀନିବାସ ରାଓ। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ବିମଳ ଜେନା ଅତିଥିଙ୍କୁ ଆମନ୍ତ୍ରଣ କରିଥିବାବେଳେ ପ୍ରଫେସର ବିଜୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଖ୍ୟାତ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ ଏବଂ ଅମରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।